BAGEESHA
ବାଗୀଶ
ତୃତୀୟ ବର୍ଷ, ପଞ୍ଚମ ସଂଖ୍ୟା | ସେପ୍ଟେମ୍ବର-ଅକ୍ଟୋବର ୨୦୨୫
Volume No. 03 | Issue No. 05 | Sep-Oct 2025
Refereed Peer-Reviewed Journal
ISSN: 3107-4294 (PRINT) | 2583-9543 (ONLINE)

# ଓଡ଼ିଆ ସମାଲୋଚନାର ଉଦ୍ଦାତ୍ତ ସ୍ୱର: ଗଦ୍ୟଶିଳ୍ପୀ ବାଉରୀବନ୍ଧୁ କର

**ଡ. ଅଜୟ କୁମାର ସାହୁ**
ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଧରଣୀଧର ବିଶ୍ୱବିଦ୍ୟାଳୟ, କେନ୍ଦୁଝର, ଓଡ଼ିଶା

RECEIVED : 28 JUN 2025
ACCEPTED : 25 OCT 2025
REVISED : 31 OCT 2025
PUBLISHED: 10 NOV 2025
ARTICLE QR CODE
DOI:10.70541/BAGEESHA/2025030505
Article No. BM2025/05-A005
Category : Research Article
Journal Home Page: https://bageesha.in
Support: editor.bageesha@gmail.com
BM2025/05-A005

ABSTRACT

## ସାରାଂଶ

*ଭାଷା ଓ ସାହିତ୍ୟର ବିକାଶ ନିମନ୍ତେ ପ୍ରବନ୍ଧ ଓ ସମାଲୋଚନାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଧାରାରେ ଓଡ଼ିଆ ସାହିତ୍ୟରେ ଜଣେ ସଫଳ ସମାଲୋଚକ ଭାବେ ପ୍ରଫେସର ବାଉରୀବନ୍ଧୁ କର ଅନ୍ୟତମ। ତାଙ୍କ ଆଲୋଚନାରେ ସାମାଜିକ ମୂଲ୍ୟବୋଧ, ସାମାଜିକ ସଚେତନତା, ସାହିତ୍ୟରେ ଶିଳ୍ପ ଓ ଶୈଳୀର ଉନ୍ନତ ମାନଦଣ୍ଡ ଦେଖିବାକୁ ମିଳେ। ସମାଲୋଚକଙ୍କ ଗଦ୍ୟରୁ ମିଳୁଥିବା ଉଦାତ୍ତସ୍ୱର ତାଙ୍କ ମୂଲ୍ୟବୋଧ, ସାମାଜିକ ଦୃଷ୍ଟିକୋଣ ଓ ଶବ୍ଦଶକ୍ତିକୁ ପ୍ରତିବିମ୍ବିତ କରେ। ତାଙ୍କ ଗବେଷଣାତ୍ମକ ଦିଗ ଗୁଡ଼ିକ ବିଶେଷତଃ ତିନୋଟି ଆଧାର ଉପରେ ପର୍ଯ୍ୟବେସିତ- (କ) ସାହିତ୍ୟଭିତ୍ତିକ (ଖ) ସମୀକ୍ଷକ ଓ ବ୍ୟକ୍ତି ସମ୍ପର୍କିତ (ଗ) ଐତିହ୍ୟ, ସଂସ୍କୃତି ଓ ଧର୍ମ ଆଧାରିତ। ଏହି ନିବନ୍ଧରେ ବାଉରୀବନ୍ଧୁ କରଙ୍କ ସମୀକ୍ଷାକୁ ଏକ ଦୃଢ଼ ସାମାଜିକ ଶସ୍ତ୍ର ସହ ତୁଳନା କରି ସାହିତ୍ୟ, ସଭ୍ୟତା ଓ ସାଂସ୍କୃତିକ ମୂଲ୍ୟବୋଧ ପ୍ରତି ଥିବା ଗୁରୁତ୍ୱ ସଂପର୍କରେ ଆଲୋଚନା କରାଯାଇଛି। ଯାହା ଓଡ଼ିଆ ସମାଲୋଚନା କ୍ଷେତ୍ରରେ ବାଉରୀବନ୍ଧୁ କରଙ୍କ ନିଷ୍ଠା ଓ ସାଧନାର ପରିଚାୟକ।*

**ମୂଳଶବ୍ଦ:** ସମାଲୋଚନା, ଐତିହ୍ୟ, ସଂସ୍କୃତି, ସାହିତ୍ୟିକ, ସାମାଜିକ, ଦାର୍ଶନିକ, ବାଉରୀବନ୍ଧୁ କର, ପ୍ରବନ୍ଧ, ଓଡ଼ିଆ ସାହିତ୍ୟର ଇତିହାସ।

**ଉପକ୍ରମ:** ସାହିତ୍ୟ ବିଭବର ସର୍ବଶ୍ରେଷ୍ଠ କଳାକୃତି ଭାବେ ସାମ୍ପ୍ରତିକ ସମୟ ଖଣ୍ଡରେ ସମାଲୋଚନାକୁ ଗ୍ରହଣ କରାଯାଏ। ତରୁଲତାରେ ଫୁଲ ଓ ଫଳ ହେବାପରେ ତାହା ଯେମିତି ପରିପୂର୍ଣ୍ଣ ମନେହୁଏ। ଠିକ୍ ସେହିପରି ସମାଲୋଚନାର ସାରଗର୍ଭମୟ ଚିନ୍ତନରୁ ସାହିତ୍ୟର ଅନ୍ୟ ବିଭାଗ ପାଇଁ ଥାଏ ନ୍ୟାୟିକ ବିଚାର। ଉତ୍ତରଅଶୀ ଓଡ଼ିଆ ସମାଲୋଚନା ସାହିତ୍ୟରେ ଜଣେ ବଳିଷ୍ଠ ସମାଲୋଚକ ଭାବେ ପ୍ରଫେସର ବାଉରୀବନ୍ଧୁ କର ସର୍ବ ପ୍ରଶଂସିତ। ତାଙ୍କ ସମାଲୋଚନାରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ଦାର୍ଶନିକ ଅନୁଚିନ୍ତା, ଗଭୀର ମନନଶୀଳତା, ଐତିହାସିକ ପ୍ରସଙ୍ଗର ସୁସଜ୍ଜିତ ବ୍ୟବହାର ଏବଂ ସାମାଜିକ ବ୍ୟବସ୍ଥା ପ୍ରତି ଗଭୀର ଅନୁସନ୍ଧାନ ଆଦି ଅତିସ୍ପଷ୍ଟ। ଅଜଣା ଅରଣ୍ୟରୁ ତଥ୍ୟ ଖୋଜିବାରେ ସେ ଥିଲେ ଧୂରୀଣ। ଗୂଢ଼ରହସ୍ୟକୁ ପାଠକମାନଙ୍କ ପାଇଁ ସରଳୀକରଣ କରି ଆଲୋଚନା କରିବାରେ ଥିଲେ ପ୍ରବୀଣ। ସଚେତନଶିଳ୍ପୀର ଦୃଷ୍ଟିଭଙ୍ଗୀ ଥିଲା ତାଙ୍କ ରଚନାର ପ୍ରମୁଖ ଉପାଦାନ। ସଂସ୍କୃତି ଓ ପରମ୍ପରାକୁ ଅହେତୁକ ଭଲପାଇବା ଥିଲା ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ। ଏଥିପାଇଁ ତାଙ୍କ ସମୀକ୍ଷାରେ ସାଂସ୍କୃତିକ ପ୍ରତିଛବି ଅଧିକ ମାତ୍ରାରେ ପ୍ରତିଫଳିତ ହୁଏ।

ଚିର ସ୍ରୋତସ୍ୱିନୀ ଖରସ୍ରୋତା ନଦୀକୂଳରେ ଅବସ୍ଥିତ ଖଣ୍ଡିତର ଥିଲା ପ୍ରଫେସର ବାଉରୀବନ୍ଧୁ କରଙ୍କ ଜନ୍ମବେଦୀ। ୭ ଅଗଷ୍ଟ ୧୯୫୧ ମସିହା ଥିଲା ଏହି ମହାନ୍ କାଳଜୟୀ ସ୍ରଷ୍ଟାଙ୍କ ଆବିର୍ଭାବର ସମୟ। ତାଡ଼ନାର କସାରଘାତକୁ ସେ ପିଲାଦିନରୁ ସହିଆସିଛନ୍ତି। ମାତୃଗର୍ଭରୁ ଭୂମିଷ୍ଠ ହେବାପରେ ନକାଦିବାରୁ ମଲାଶିଶୁ ନାମରେ ପ୍ରଚାରିତ ହୋଇଥିଲେ। ଦୁଃଖସହ ଭାଗୀ ହୋଇ ଜନ୍ମ ନେବାପରି, ତାଙ୍କ ଜୀବନ ଥିଲା ବଡ ବିଷମ ଓ ଦୁର୍ଦ୍ଦଶା। ଜନ୍ମର ମାତ୍ର ଦଶ ମାସ ପରେ ପିତାଙ୍କର ଦେହାନ୍ତ ହୁଏ। ପିଲାଦିନରୁ ଉଭୟ ସାମାଜିକ ଓ ପାରିବାରିକ ଅବହେଳାରୁ ନିଜକୁ ସେ ଏପରି ଗଢି ତୋଳିଲେ ଯେ, ପରବର୍ତ୍ତୀ ଜୀବନର ବାଧାବିଘ୍ନ ତାଙ୍କୁ ପ୍ରଭାବିତ କରିପାରି ନଥିଲା। ଜଣେ କୃତବିଦ୍ୟ ଛାତ୍ର ଭାବେ ସେ ସମସ୍ତଙ୍କର ସ୍ନେହ ଶ୍ରଦ୍ଧାର ଭାଜନ ହୋଇପାରିଥିଲେ। 'ଆଧୁନିକ ଓଡ଼ିଆ ସାହିତ୍ୟକୁ କାମପାଳ ମିଶ୍ରଙ୍କ ଅବଦାନ' ଶୀର୍ଷକ ନିବନ୍ଧ ପ୍ରସ୍ତୁତି ଠାରୁ (କଳାଭୂଷଣ ପାଇଁ) ଆରମ୍ଭ ହୋଇଥିଲା ତାଙ୍କ

VOL NO 03 ISSUE NO 05

ଗବେଷଣା ତଥା ସମାଲୋଚନାର ଧାରା। ଏହି ସମାଲୋଚନା କଳା ହିଁ ତାଙ୍କୁ ଗଭୀର ପାଣ୍ଡିତ୍ୟ, ଅଭିଜ୍ଞତା, ଓ ଦୃଷ୍ଟିଭଙ୍ଗୀର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରାଇଥିଲା। ଏକ ନିରପେକ୍ଷ ସମାଲୋଚନା କଳା ପାଇଁ ସେ ଆଜି ଗବେଷକ ଓ ପାଠକ ପାଠିକାଙ୍କ ମହଲରେ ପ୍ରିୟ ହୋଇପାରିଛନ୍ତି। ସମାଲୋଚକ ପ୍ରଫେସର କରଙ୍କ ଦୃଷ୍ଟି ଓ ଦିଗନ୍ତ ଅତ୍ୟନ୍ତ ପ୍ରଖର ଓ ସାରଗର୍ଭମୟ। ଗଭୀର ଅଧ୍ୟୟନ ଓ କର୍ତ୍ତବ୍ୟନିଷ୍ଠ ସଚେତନ ଶିଳ୍ପୀ ଭାବେ, ସେ ସମସ୍ତ ବିଷୟକୁ ଅନୁସନ୍ଧାନ କରି, ତା'ର ସତ୍ୟାସତ୍ୟକୁ ଆକଳନ କରିବା ସହିତ ମୂଲ୍ୟାଙ୍କନ କରୁଥିଲେ। ତାଙ୍କ ସମାଲୋଚନାର ଭିତ୍ତିଭୂମି ଥିଲା ବହୁଧା। ପ୍ରାବନ୍ଧିକ ସାହିତ୍ୟରେ ଐତିହ୍ୟ, ପରମ୍ପରା ଓ ସଂସ୍କୃତି ଠାରୁ ଆରମ୍ଭ କରି ଆଧୁନିକ ସମୟର ଅନାଲୋଚିତ କବିତାକୁ ନିଜର ବୌଦ୍ଧିକ ଚିନ୍ତନରେ ଆକଳନ କରିବାରେ ସିଦ୍ଧହସ୍ତ ହୋଇଛନ୍ତି।

..............................................................................

ବିଷୟର ଆଲୋଚନା: ଆଲୋଚକ ପ୍ରଫେସର କରଙ୍କ ସମାଲୋଚନର କ୍ଷେତ୍ର ବ୍ୟାପକ ଏବଂ ସୁବିସ୍ତୃତ। ପ୍ରାଞ୍ଜଳ ଅଭିବ୍ୟକ୍ତି ଓ ସନ୍ଧାନୀ ଅଭୀପ୍ସା ତାଙ୍କୁ ଏପରି ଜଣେ ସଫଳ ଗବେଷକ ଭାବେ ପରିଚୟ ଦେଇଛି। ବିଜ୍ଞାନର ଛାତ୍ରଭାବେ ଯଦିଓ ପ୍ରାଥମିକ ଜୀବନ ତାଙ୍କ ଶିକ୍ଷା ଆରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ସାହିତ୍ୟହିଁ ତାଙ୍କ ସାଧନା ଓ ଆରାଧନାର ବ୍ରତଭାବେ ପରିବର୍ତ୍ତନ ହୋଇଥିଲା। ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ଅହେତୁକ ଭଲପାଇବା ତାଙ୍କୁ ଜଣେ ସଫଳ ସମାଲୋଚକ ଭାବେ ପ୍ରତିଷ୍ଠା ଆଣିଦେଇଛି। ଓଡ଼ିଶାର ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ସେ ଅଧ୍ୟାପନା କରୁଥିବାରୁ ଓଡ଼ିଆ ଛାତ୍ରଛାତ୍ରୀମାନଙ୍କର ସମାଲୋଚିତ ପୁସ୍ତକ ଅଭାବକୁ ସେ ଅନୁଭବ କରିଥିଲେ। ଯାହାକୁ ପରବର୍ତ୍ତୀ ସମୟରେ ପୂରଣ କରିବାକୁ ଯାଇ ଓଡ଼ିଆ ସାହିତ୍ୟରେ କେବଳ ନୁହେଁ ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ବିଭବକୁ କେନ୍ଦ୍ରକରି ରାଶି ରାଶି ସମାଲୋଚନାମୂଳକ ନିବନ୍ଧ ରଚନା କରିଯାଇଛନ୍ତି। ପ୍ରଫେସର କରଙ୍କ ସମାଲୋଚିତ ପୁସ୍ତକକୁ ଲକ୍ଷ୍ୟ କଲେ ଜଣାପଡେ, ତାଙ୍କ ଗବେଷଣାତ୍ମକ ଦିଗ ଗୁଡିକ ବିଶେଷତଃ ତିନୋଟି ଆଧାର ଉପରେ ପର୍ଯ୍ୟବେସିତ - (କ) ସାହିତ୍ୟ ଭିତ୍ତିକ ଆଲୋଚନା (ଖ) ସମୀକ୍ଷକ ଓ ବ୍ୟକ୍ତି ସମ୍ପର୍କିତ ଆଲୋଚନା (ଗ) ଐତିହ୍ୟ, ସଂସ୍କୃତି ଓ ଧର୍ମ ଆଧାରିତ ଆଲୋଚନା

(କ) ସାହିତ୍ୟ ଭିତ୍ତିକ ଆଲୋଚନା :

- **ପ୍ରାଚୀନ ସାହିତ୍ୟ ସଂପର୍କରେ:** ଜଣେ ସଫଳ ସମାଲୋଚକଙ୍କ ପାଖରେ ଜ୍ଞାନ ସହିତ ବୈଜ୍ଞାନିକ ଦୃଷ୍ଟିକୋଣ ମଧ୍ୟ ରହିବା ଆବଶ୍ୟକ। ଯାହାଦ୍ୱାରା ସେ ବିଷୟ ବସ୍ତୁର ସୂଚନା ଦେବାସହ ସୁସଜ୍ଜିତ ଭାଷାର ବ୍ୟବହାର, ଶବ୍ଦ ସଂଯୋଜନାର କୌଶଳ ତାଙ୍କୁ ଜଣେ ବୈଜ୍ଞାନିକ ଓ ରୁଚିସମ୍ପନ୍ନ ସମାଲୋଚକ ଭାବେ ପ୍ରତିଷ୍ଠା କରାଇପାରିବ। ସାହିତ୍ୟ ସମାଲୋଚକଙ୍କ ନିକଟରେ ସାମାଜିକ ଓ ଐତିହାସିକ ପ୍ରସଙ୍ଗ ଉପର ଗଭୀର ଜ୍ଞାନ ରହିବା ଆବଶ୍ୟକ। ତେବେ ଯାଇ ସେ ସୃଷ୍ଟି ସର୍ଜନାକୁ ସହଜରେ ବିଶ୍ଳେଷଣ କରିପାରିବେ। ସେହିପରି ଜଣେ ଲବ୍ଧ ପ୍ରତିଷ୍ଠିତ ସମାଲୋଚକ ଭାବେ ପ୍ରଫେସର ବାଉରୀବନ୍ଧୁ କର ଓଡ଼ିଆ ସାହିତ୍ୟରେ ପରିଚିତ। ପ୍ରଫେସର କରଙ୍କ ଦୃଷ୍ଟି ଓ ବଳୟ କେବଳ ଓଡ଼ିଆ ସାହିତ୍ୟରେ ସୀମିତ ନଥିଲା, ପ୍ରାଚ୍ୟ ଓ ପାଶ୍ଚାତ୍ୟ ସାହିତ୍ୟ ଅନୁସନ୍ଧାନରେ ମଧ୍ୟ ଦେଖିବାକୁ ମିଳେ।

'ସାହିତ୍ୟ' ଶବ୍ଦର ଅଭିବ୍ୟକ୍ତି ହେଉଛି ମାନବର ଭାବନା, ଚିନ୍ତନ, ଅନୁଭୂତି ଏବଂ ଜୀବନର, ବିଭିନ୍ନ ପ୍ରସଙ୍ଗ ଗୁଡିକୁ ଶବ୍ଦ ଓ ଭାଷା ମଧ୍ୟମରେ ସୃଜନଶକ୍ତି ଜରିଆରେ ପ୍ରକାଶ କରିବା। ଫଳରେ ଜୀବନ ଓ ଜଗତକୁ ଦେଖିବା ସହିତ, ବିଭିନ୍ନ ଘଟଣା ଓ ଅନୁଭୂତିକୁ ସମାଜ ଆଗରେ ଉପସ୍ଥାନ କରିହୁଏ। ସମାଲୋଚକ ବାଉରୀବନ୍ଧୁ କର ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକଙ୍କ ସଂପର୍କରେ ଅନେକ ସମାଲୋଚନାତ୍ମକ ନିବନ୍ଧ ରଚନା କରିଥିବାର ଦେଖିବାକୁ ମିଳେ। ପ୍ରାକ୍ ସାରଳା ସମୟ ସୃଷ୍ଟି ହୋଇଥିବା କେତେକ ଜାତୀୟଚିନ୍ତା ଓ ଚେତନାର ସର୍ଜନାତ୍ମକ କଳାକୁ ଅତୀବ ଆକର୍ଷଣୀୟ ଢଙ୍ଗରେ ଆଲୋଚନା କରିଛନ୍ତି। ତାଙ୍କ ଦୃଷ୍ଟିରେ ମଣିଷ ସମାଜକୁ ଲୋକସାହିତ୍ୟ କିପରି ଚେତନାଗ୍ରାହୀ କରାଏ, ତାହା ପ୍ରମାଣ କରାଇବା ପାଇଁ ଆଲୋଚକ କର ରବୀନ୍ଦ୍ରନାଥ ଠାକୁରଙ୍କ ଉଦାହରଣ ଗୁଡିକ ଉଲ୍ଲେଖ କରିଛନ୍ତି। ପରନ୍ତୁ, ଲୋକସାହିତ୍ୟ ପ୍ରତି ଆମର ଶିଥିଳ ଉଦ୍ୟମକୁ ଦର୍ଶାଇ ପାଶ୍ଚାତ୍ୟ ବିଦ୍ୱାନମାନଙ୍କ ଯୋଗୁଁ ଏହା ଆରମ୍ଭ ହୋଇଥିଲା ବୋଲି ସେ ଉଲ୍ଲେଖ କରିଛନ୍ତି। ଲୋକସାହିତ୍ୟ ସଂପର୍କରେ ଓ ତାର ଯଥାବିଧି ଆଲୋଚନା କଲେ ଓଡ଼ିଆ ସାହିତ୍ୟର କଳେବର ଆହୁରି ମର୍ଯ୍ୟାଦାବନ୍ତ ହୋଇପାରିବ ବୋଲି ବିଶ୍ୱାସ ରଖି ଆଲୋଚକ କୁହନ୍ତି- 'ଓଡ଼ିଶା ହେଉଛି ଏକ ଲୋକସାହିତ୍ୟ ସଂଗ୍ରହର ତୀର୍ଥସ୍ଥଳୀ'। ବେଦ, ଉପନିଷଦ, ରାମାୟଣ ଓ ମହାଭାରତରୁ ମଧ୍ୟ ବିଭିନ୍ନ ଉଦାହରଣ ସଂଗ୍ରହ କରି ପ୍ରଫେସର କର 'ପ୍ରାଚୀନ ଭାରତର ଅବାଧ ମିଳନ' ନାମକ ଏକ ନିବନ୍ଧ ରଚନା କରିଛନ୍ତି। ଯେଉଁଥିରେ ଉଲ୍ଲେଖ କରିଛନ୍ତି ଉଭୟ ନାରୀ ଓ ପୁରୁଷଙ୍କ ପାଖରେ କିପରି ଶାରିରୀକ ସୁଖ ସମ୍ଭୋଗ ପାଇଁ ତୀବ୍ର କାମ ଭାବନା ଥିଲା। ତାର ଉଦାହରଣରେ ଋକ୍ ବେଦର ଦ୍ୱିତୀୟ ମଣ୍ଡଳରେ ବର୍ଣ୍ଣନା ଅଛି ଯେ, ଅବିବାହିତ ନାରୀଠାରୁ ଜନ୍ମିତ ସନ୍ତାନକୁ 'ଅଗ୍ରୁ' ନାମରେ ନାମିତ କରାଯାଉଥିଲା। ରାମାୟଣରେ ରାବଣର ପତ୍ନୀ ମନ୍ଦୋଦରୀକୁ ବିଭୀଷଣ ଓ ବାଳୀର ପତ୍ନୀ ତାରାକୁ ସୁଗ୍ରୀବ ବିବାହ କରିବା ପରି, ଅନେକ ପ୍ରସଙ୍ଗ ଦେଖିବାକୁ ମିଳେ। ସେହିପରି ମହାଭାରତରେ ଅନେକ ଚରିତ୍ର ଏହି ଅବାଧ ମିଳନରେ ଲିପ୍ତ ରହିବା ସହିତ ଏହାକୁ ସ୍ୱୀକୃତି ମଧ୍ୟ ଦେଉଥିଲେ। ଯାହାର ଆଲୋଚନା ପ୍ରଫେସର କର ଉକ୍ତ ନିବନ୍ଧରେ ସତଥ୍ୟ କରିଛନ୍ତି। ତାଙ୍କ ମତରେ ଅବାଧ ମିଳନ ଏକ ଦେହ ଧର୍ମ ମାତ୍ର କୌଣସି ମାନସିକ ଧର୍ମ କିମ୍ବା ମିଳନ ନୁହେଁ। ଅତଏବ ସେ ଏଥିରେ ପ୍ରମାଣ କରିବାକୁ ଚାହିଁଛନ୍ତି ଯେ, ପ୍ରାଚୀନ କାଳରେ ଅବାଧ ମିଳନକୁ ସାମାଜିକ ସ୍ୱୀକୃତି ମିଳୁଥିଲା। ସବୁପରେ ମଧ୍ୟ ସାମାଜିକ ଦାୟିତ୍ୱବୋଧ ଓ ସଚେତନତାକୁ ସମସ୍ତଙ୍କର ଯଥେଷ୍ଟ ଧ୍ୟାନ ରହୁଥିଲା। ଏଥିପାଇଁ ସେ ବର୍ଣ୍ଣନା କହିଛନ୍ତି- "ଏହି ସମୟରେ ନାରୀ ଅଜଣା ପୁରୁଷ ସହ ମିଶୁଥିଲା ଓ ଅଙ୍ଗ ସମର୍ପଣ କରୁଥିଲା ସତ, ପରନ୍ତୁ ଯେଉଁ ଠାରେ ଉଭୟଙ୍କ ସମ୍ମତି ଓ ରୁଚିପୂର୍ଣ୍ଣ ଭାବ ରହୁଥିଲା ସେଠାରେ ଅବାଧ ମିଳନ ହେଉଥିଲା ।"(ନାନା ଆଲୋଚନା/ ପୃଷ୍ଠା- ୧୪)

ବହୁ ପାଣ୍ଡିତ୍ୟର ଅଧିକାରୀ ହୋଇଥିବାରୁ ପ୍ରଫେସର

DOI: 10.70541/BAGEESHA/2025030505
VOL NO 03 ISSUE NO 05

କରଙ୍କ ଜ୍ଞାନର ପରିସର କେବଳ ଓଡ଼ିଆ ସାହିତ୍ୟରେ ସୀମିତ ନଥିଲା, ସଂସ୍କୃତ ସାହିତ୍ୟର ସମୀକ୍ଷା କ୍ଷେତ୍ରରେ ମଧ୍ୟ ସିଦ୍ଧହସ୍ତ। 'କାଳିଦାସଙ୍କ ରଚନାରେ ଅର୍ଥାଳଙ୍କାର' ନିବନ୍ଧରେ କାଳିଦାସଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି ଯେ, କବି କାଳିଦାସ ହେଉଛନ୍ତି ପ୍ରାଚୀନ କବିମାନଙ୍କ ମଧ୍ୟରେ ଆଧୁନିକ ଓ ଆଧୁନିକ କବିମାନଙ୍କ ମଧ୍ୟରେ ପ୍ରାଚୀନ। କାରଣ ତାଙ୍କ କବିତାରେ ଉପମା ପରି ଯେଉଁ ଅର୍ଥାଳଙ୍କାର ସେ ପ୍ରୟୋଗ କରୁଥିଲେ, ତାହାଥିଲା ଅଳଙ୍କାର ସାହିତ୍ୟ କ୍ଷେତ୍ରରେ ଅତ୍ୟନ୍ତ ଗୌରବମୟ ବିଷୟ। 'କୁମାରସମ୍ଭବ', 'ରଘୁବଂଶ' ଓ 'ମେଘଦୂତ' ଆଦି କବିତାରେ ତା'ର ନିଦର୍ଶନ ଦେଖିବାକୁ ମିଳେ। ଏଥିପାଇଁ ତାଙ୍କୁ 'ଉପମା କାଳିଦାସସ୍ୟ' ବୋଲି କୁହାଯାଏ। ସମାଲୋଚକଙ୍କ ଦୂରଦୃଷ୍ଟି ଓ ଅନୁସନ୍ଧିତ୍ସୁ ଇଚ୍ଛାକୁ ଲକ୍ଷ୍ୟକଲେ ଜଣାପଡ଼େ, ତାଙ୍କ ଦୃଷ୍ଟି ଓ ଦର୍ଶନ ଅତୀତ, ବର୍ତ୍ତମାନ ଏବଂ ଭବିଷ୍ୟତର ପରିକଳ୍ପନାକୁ ଏକ ପାରମ୍ପରିକ କୌଶଳରେ ପରୀକ୍ଷଣ କରିବାରେ ସେ ଥିଲେ ପ୍ରବୀଣ। 'ସାରଳା ସାହିତ୍ୟରେ ପ୍ରାସଙ୍ଗିକତା' ପ୍ରବନ୍ଧରେ ସେ ବର୍ଣ୍ଣନା କରିଛନ୍ତି ଯେ, ଆଜି ଏହା ଆମ ପାଇଁ ଏକ ପ୍ରେରଣା ଓ ନୂତନ ସମ୍ଭାବନା ହୋଇ କାଳକାଳକୁ ଅଖଣ୍ଡତା ବଜାୟ ରଖିଥିବ। ସମାଲୋଚକଙ୍କ ଭାବ ଓ ଭୂମିକୁ ଲକ୍ଷ୍ୟକଲେ ଦେଖାଯାଏ, ତାଙ୍କ ସମୀକ୍ଷାରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟକୁ ଅତ୍ୟନ୍ତ ସରଳୀକରଣ ଶବ୍ଦଦ୍ୱାରା ପାଠକଙ୍କୁ ବୁଝାଇବାକୁ ପ୍ରୟାସ କରିଛନ୍ତି। ତତ୍କାଳୀନ ସମୟର ଧର୍ମକୁ ନେଇ ସାରଳାଙ୍କ ବିଚାରଧାରା ହେଉଛି– "ସେ ଧର୍ମ ନାମରେ କୌଣସି ସାମ୍ପ୍ରଦାୟିକ ଅରଗଳି ଭିତରେ ମଣିଷକୁ ବାନ୍ଧିନାହାନ୍ତି। ଧର୍ମର ଉପର ଠାଉରିଆ ଗୁଣକୁ କେବଳ ଗ୍ରହଣ ନକରି ଏହାର ନୈତିକ ଉଚ୍ଚାରଣ ଓ ଲୋକ କଲ୍ୟାଣ ଆଭିମୁଖ୍ୟକୁ ସେ ପସନ୍ଦ କରୁଥିଲେ" (ସଂସ୍କୃତି ଓ ମାନବିକ ମୂଲ୍ୟବୋଧ, ପୃ-୪୭)। ସମାଲୋଚକଙ୍କ ଦୃଷ୍ଟିଭଙ୍ଗୀ ଗଭୀର ଅନୁସନ୍ଧାନୀ ହୋଇଥିବାରୁ ଶାରଳା ଦାସ ତାଙ୍କ ରଚନାରେ ଅନେକ ଅନାଲୋଚିତ ପ୍ରସଙ୍ଗକୁ ଲୋକାଭିମୁଖୀ କରିଛନ୍ତି।

ଗୂଢ଼ରହସ୍ୟକୁ ସରଳୀକରଣ କରି ପାଠକ ଆଗରେ ଉପସ୍ଥାପନ କରିବାରେ ବାଉରୀବନ୍ଧୁ କରଙ୍କ କଳା ଓ କୌଶଳ ଅତ୍ୟନ୍ତ ଆକର୍ଷଣୀୟ ମନେହୁଏ। ସେ 'ନୈତିକତାର ଉତ୍ତରଣରେ ଭାଗବତ' ସଂପର୍କରେ ଆଲୋଚନା କରିବାକୁଯାଇ କୁହନ୍ତି- ସାଂପ୍ରତିକ ସମୟରେ ନିତିବାଦୀ ଦାର୍ଶନିକମାନେ ପ୍ରଗତିଶୀଳ ଚିନ୍ତା, ଉପରେ ଗୁରୁତ୍ୱାରୋପ କରିଛନ୍ତି। ପାଶ୍ଚାତ୍ୟ ଦାର୍ଶନିକ ନିତସେ, ସେକ୍ସପିଅର ଆଦି ଏହି ନିତୀବାଦ ସଂପର୍କରେ ମତ ରଖିଥିଲେ ଯେ, 'ନୀତି' ବୋଲି ସେମିତି କିଛି ନଥାଏ ଆମେ ଯେଉଁ କାରଣ ଗୁଡ଼ିକ ପାପ ପୁଣ୍ୟ, ଭଲ, ମନ୍ଦ ବୋଲି ବିଚାର କରୁ ସେମିତି କିଛି ସ୍ୱତନ୍ତ୍ର ଦେଖିବାକୁ ମିଳେନାହିଁ। ଯେଉଁ କଥାକୁ ଆମ ଓଡ଼ିଆ ସାହିତ୍ୟରେ କବି ଜଗନ୍ନାଥ ଦାସ ପଞ୍ଚଦଶ ଶତାବ୍ଦୀରେ ଉଲ୍ଲେଖ କରିଥିଲେ ଯେ, ସମସ୍ତ ସବୁ ନୀତି ନିୟମ କାଳ ହାତରେ ଅନୁବନ୍ଧିତ। ସାଂପ୍ରତିକ ସମୟରେ ନିତୀବାଦି ଦର୍ଶନ ଓ ପ୍ରଗତିଶୀଳ ଚିନ୍ତା ସଂପର୍କରେ ସେ ସୁନ୍ଦର ଭାବେ ଆଲୋଚନା କରିଛନ୍ତି। ପାଶ୍ଚାତ୍ୟ ସମୀକ୍ଷକ ଯାହାକୁ ସମାଜର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ବୋଲି ମନେକରୁଛନ୍ତି, ତାହା ବହୁ ଆଗରୁ ଆମ ସାହିତ୍ୟ କଳେବରରେ ମଣ୍ଡିତ ହୋଇରହିଛି। ଏହାର ଉଦାହରଣ ଦେବାକୁ ଯାଇ ପ୍ରଫେସର କର ମତ ଦିଅନ୍ତି- ଧର୍ମ-ଅଧର୍ମ, ପାପ-ପୂର୍ଣ୍ଣ୍ୟ, ଭଲ-ମନ୍ଦ, ସବୁବେଳେ କାଳର ଅଧୀନରେ ହିଁ ରହିଥାଏ। ଏଥିପାଇଁ ଜଗନ୍ନାଥ ଦାସ ଭାଗବତରେ ଉଲ୍ଲେଖ କରିଛନ୍ତି "କାଳର କ୍ରୀଡା ଯେ ଜଗତ// କାଳକୁ କିବା ସାମରଥ"।

ରୀତି ଯୁଗର କାବ୍ୟଧାରା ସଂପର୍କରେ ଆଲୋଚକଙ୍କ ମତ ହେଉଛି; ଏହି ସ୍ରଷ୍ଟାମାନେ କବି ହେବା ଆଗରୁ ପଣ୍ଡିତ ହେଉଥିଲେ, ଏଥିପାଇଁ ବ୍ୟାକରଣ ଠାରୁ ଆରମ୍ଭ କରି ଅଳଙ୍କାର, ଜ୍ୟୋତିଷ, କାମଶାସ୍ତ୍ର, ବେଦ, ବେଦାନ୍ତ, ଉପନିଷଦ, ପୁରାଣ ଆଦିକୁ ଅଧ୍ୟୟନ କରିଥିଲେ। ଫଳରେ ଏମାନେ ସାମନ୍ତବାଦୀ କବି ଭାବରେ ପରିଚିତ ହେଉଥିଲେ। ପ୍ରାୟତଃ ଦୀନକୃଷ୍ଣଙ୍କ ପରି କେହି ନିର୍ଭୀକ ନଥିଲେ, ସେତେବେଳେ ରାଜଦରବାର ବିଳାସ କୋଠରୀରେ ରାଜାଙ୍କ ଖୁସି ନିମନ୍ତେ ସାହିତ୍ୟ ଚର୍ଚ୍ଚା କରୁଥିଲେ। ସେଥିପାଇଁ ସମାଲୋଚକ ବ୍ୟଙ୍ଗସ୍ୱରରେ କୁହନ୍ତି- ସାହିତ୍ୟକୁ ପଣ୍ଡିତ ସମାଜରେ ଏକଚାଟିଆ କରିବା ପାଇଁ ସତେଯେମିତି ଏ ଯୁଗର କବିଗଣ ସବୁପ୍ରକାର ଉଦ୍ୟମ କରିଥିଲେ। ତାଙ୍କ ଦୃଷ୍ଟିରେ ଏହି ସମୟର ସାହିତ୍ୟ କେବଳ ସାଙ୍ଗିତିକତା ଦୃଷ୍ଟିକୋଣରୁ ସର୍ବସାଧାରଣଙ୍କ ପ୍ରିୟ ହୋଇପାରିଛି ନତୁବା ଏମାନେ କେବଳ ଇତିହାସର ପୃଷ୍ଠା ଆକଳନ କରିଥାନ୍ତେ। ଓଡ଼ିଆ ସାହିତ୍ୟର ମୂଳଉତ୍ସ ହେଉଛି, ପ୍ରାଚୀନ ଓ ମଧ୍ୟଯୁଗୀୟ ସାହିତ୍ୟ ସମ୍ଭାର। ଏହି ସମୟ ଖଣ୍ଡର ସାହିତ୍ୟରେ କେବଳ ଭାଷାଶୈଳୀ କିମ୍ବା ଭାବବସ୍ତୁ ଦୃଷ୍ଟିରୁ ନୁହେଁ, ସାମାଜିକ ଧର୍ମଧାରା ମଧ୍ୟ ଅତ୍ୟନ୍ତ ଗରିମାମୟ ଥିଲା। ସମାଲୋଚକ କହିଛନ୍ତି ଯେ, ଚର୍ଯ୍ୟାଗୀତିକା ଠାରୁ ଆରମ୍ଭ କରି ସାରଳା, ପଞ୍ଚସଖା ସାହିତ୍ୟ ପ୍ରସଙ୍ଗ ଏବଂ ମଧ୍ୟଯୁଗୀୟ ସାହିତ୍ୟରେ ବ୍ୟବହୃତ ଅଳଙ୍କାର ପ୍ରୟୋଗ କରି ଓଡ଼ିଆ ସାହିତ୍ୟର ସ୍ଥିତିକୁ ମଜବୁତ୍ କରାଇଥିଲା। ଏଥିରେ ଥିବା ଧର୍ମ, ଦର୍ଶନ, ଜୀବନାନୁଭୂତି, ନୀତିଶିକ୍ଷା ଆଦି ରଚନା ଓଡ଼ିଆ ସାହିତ୍ୟର ପ୍ରଭାତର ସୂର୍ଯ୍ୟ ବୋଲି କୁହାଯାଏ। କାରଣ ଏହା ଥିଲା ଆଧୁନିକ ଓଡ଼ିଆ ସାହିତ୍ୟ ପାଇଁ ନବଜାଗରଣର ଭିତ୍ତିପ୍ରସ୍ତର।

- **ଆଧୁନିକ ସାହିତ୍ୟ ସମ୍ପର୍କିତ**: ପ୍ରାବନ୍ଧିକ କର ତାଙ୍କ ଆଲୋଚନାରେ କବି, ଗାଳ୍ପିକ ଔପନ୍ୟାସିକ, ନାଟ୍ୟକାର ତଥା ଆଧୁନିକ ଲେଖକଙ୍କୁ ଏକ ନୂତନ ସମାଲୋଚନା ଆଡ଼କୁ ନେଇଛନ୍ତି। ଯଦିଓ ସେ ରୋମାଣ୍ଟିକ ଭାବପ୍ରବଣତା ଠାରୁ ଦୂରରେ ରହିଥିଲେ, ତଥାପି ସାହିତ୍ୟର ଅନ୍ତଃସ୍ୱର ଓ ଦାୟିତ୍ୱବୋଧକୁ ଗମ୍ଭୀର ଭାବେ ବୁଝିପାରୁଥିଲେ। ଅନୁସନ୍ଧାନର ଗୁଣବତ୍ତା ପାଇଁ ସେ ଯେଉଁ ଦୁଷ୍ପ୍ରାପ୍ୟ ପତ୍ରିକା ଓଡ଼ିଆ ସାହିତ୍ୟ ପରିସରକୁ ଆଣିଛନ୍ତି, ତାହା ତାଙ୍କ ସର୍ବୋତ୍କୃଷ୍ଟ ଗବେଷଣା କୃତିର ନିଦର୍ଶନ ବୋଲି କୁହାଯାଇପାରେ। ଏହି ପତ୍ରପତ୍ରିକାର ବିକାଶ ଯୋଗୁଁ ଓଡ଼ିଆମାନଙ୍କର ଜାତୀୟତା, ସାଂସ୍କୃତିକ ଭାବଧାରା, ଗାନ୍ଧୀଙ୍କ ସ୍ୱାଧୀନତା ପରିପ୍ରେକ୍ଷୀରେ ଥିବା ଆଭିମୁଖ୍ୟ ସଂପର୍କରେ ଯେଉଁ ତଥ୍ୟାବଳୀ ଉପସ୍ଥାପନ କରିଛନ୍ତି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ଆମେ ସମସ୍ତେ ଜାଣିଛନ୍ତି ପ୍ରବୋଧ ଚନ୍ଦ୍ରିକା ପତ୍ରିକା ୧୮୫୬ ଜାନୁୟାରୀ ୦୧ରେ ପ୍ରକାଶିତ ହୋଇଥିଲା ଯାହାର ସମ୍ପାଦକ ଥିଲେ ୱିଲିୟମ୍ ଲେସି(William lessi) ସାହେବ ହେଲେ ଏହାର ନାମକରଣ ଏକ

DOI: 10.70541/BAGEESHA/2025030505
VOL NO 03 ISSUE NO 05

ଗଦ୍ୟଗ୍ରନ୍ଥରୁ ହୋଇଛି। ୧୮୧୩ ମସିହାର ପଣ୍ଡିତ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାରଙ୍କ 'ପ୍ରବୋଧ ଚନ୍ଦ୍ରିକା' ପୁସ୍ତକରୁ ହିଁ ହୋଇଥିଲା। ପ୍ରଫେସର କରଙ୍କ ସମାଲୋଚନା ଗଭୀରତମ ଦୃଷ୍ଟିଭଙ୍ଗୀ ଏହି ଆଲୋଚନାରେ ପ୍ରତିଫଳିତ ହୋଇଛି। ୧୯୨୪ ମସିହାରେ ପ୍ରତିଷ୍ଠା ହୋଇଥିବା 'ପ୍ରାଚୀ ସାହିତ୍ୟ ସମିତି' ପ୍ରାଚୀନ ଓଡ଼ିଆ ସାହିତ୍ୟକୁ ସମ୍ପାଦନା କରିବା କ୍ଷେତ୍ରରେ ଏକ ନୂତନ ବୈପ୍ଳବିକ ଧାରା ସୃଷ୍ଟି କରିଥିଲା। ଓଡ଼ିଆ ସାହିତ୍ୟ ପ୍ରତି ଏହା କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ତତ୍ ସଂପର୍କରେ, ପ୍ରଫେସର କର ତାଙ୍କ 'ପ୍ରାଚ୍ୟ ପରମ୍ପରାର ଦାୟଦ' ନିବନ୍ଧରେ ସୁବିସ୍ତୃତ ଆଲୋଚନା କରିଛନ୍ତି।

ସଂପ୍ରତି ଗବେଷଣାର ଅଭାବ ଓ ଆବଶ୍ୟକତାକୁ ପୂରଣ କରିବାକୁଯାଇ ସମାଲୋଚକ ବାଉରୀବନ୍ଧୁ କର ଓଡ଼ିଆ ସାହିତ୍ୟର ସମସ୍ତ ଦିଗ ତଥା ସାମାଜିକ, ଐତିହାସିକ ଦାର୍ଶନିକ ବୈଜ୍ଞାନିକ ଦୃଷ୍ଟିକୋଣରେ ଗବେଷଣା କରିଛନ୍ତି। ଯାହା କଲେଜଠାରୁ ଆରମ୍ଭକରି ବିଶ୍ୱବିଦ୍ୟାଳୟ ସ୍ତରୀୟ ସମସ୍ତ ଛାତ୍ରଛାତ୍ରୀଙ୍କ ନିମନ୍ତେ ଅତ୍ୟନ୍ତ ଉପାଦେୟ ହୋଇପାରିଛି। ଆଧୁନିକ ସାହିତ୍ୟରେ ଗଳ୍ପ ଓ ଗାଳ୍ପିକ, କବି ଓ କବିତା, ପ୍ରବନ୍ଧ ଓ ପ୍ରାବନ୍ଧିକ, ଉପନ୍ୟାସ ଓ ଔପନ୍ୟାସିକ, ସମୀକ୍ଷା ଓ ସମୀକ୍ଷକ ଏବଂ ଊନବିଂଶ ଶତକର ପତ୍ରପତ୍ରିକାରେ ଓଡ଼ିଆ ବ୍ୟାକରଣ ସହିତ ଉତ୍ତର ଆଧୁନିକ ସମୟରେ ଅନେକ କବି, ଗାଳ୍ପିକ ଓ ଔପନ୍ୟାସିକଙ୍କ ରଚନା ଗୁଡିକର ସଫଳ ସମୀକ୍ଷା କରିଛନ୍ତି। 'ଓଡ଼ିଆ ପ୍ରବନ୍ଧ ଓ ଓଡ଼ିଶାରେ ଶିଳ୍ପାୟନରେ ଦୃଶ୍ୟପଟ' ପ୍ରବନ୍ଧରେ ସେ ଆଲୋଚନା କରିଛନ୍ତି ଯେ, ଶିଳ୍ପବିପ୍ଳବ ପରେ ରାଷ୍ଟ୍ର ଆଜି ଉନ୍ନତି ପଥରେ ଅଗ୍ରସର କରିଛି ସତ, ପରନ୍ତୁ ଆଧୁନିକ ଯନ୍ତ୍ରଦାନବର ବ୍ୟବହାର ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାକୁ ଲାଗିଛି। ବହୁଳ ଜନସଂଖ୍ୟା ବିଶିଷ୍ଟ ଭାରତବର୍ଷରେ କଳକାରଖାନା ଆବଶ୍ୟକ। ଏହି ଆବଶ୍ୟକତା ଆଜି ବିଭିନ୍ନ ପ୍ରଦୂଷଣର ମୁଖ୍ୟ କାରଣ ସାଜିଛି। ଏଣୁ ପ୍ରାବନ୍ଧିକ କର ଓଡ଼ିଆ ପ୍ରବନ୍ଧ ଜଗତର ସେହି ସୁପ୍ରସିଦ୍ଧ ପ୍ରାବନ୍ଧିକ ଯଥା ସୂର୍ଯ୍ୟକାନ୍ତ ଦାସ, ସଦାଶିବ ମିଶ୍ର, ଡକ୍ଟର ରାଧାନାଥ ରଥ, ହରେକୃଷ୍ଣ ମହତାବ, ଜାନକୀବଲ୍ଲଭ ପଟ୍ଟନାୟକଙ୍କ ପରି କେତେକ ପ୍ରାବନ୍ଧିକଙ୍କ ଶିଳ୍ପ ଅଭିବୃଦ୍ଧି ଏବଂ ତଦ୍ ଜନିତ ସମସ୍ୟା ସମ୍ପର୍କରେ ଆଲୋଚନା ରଖିଛନ୍ତି।

ଆଧୁନିକ ସାହିତ୍ୟ ଆଜି ଗତିଶୀଳ। ପରନ୍ତୁ, ପରମ୍ପରାର ପ୍ରବାହରୁ ବିଚ୍ୟୁତ ହୋଇ ସାହିତ୍ୟ ଆଜି ଆଧୁନିକ ମାନସିକତାରେ ବଶବର୍ତ୍ତୀ ହେବା ଦ୍ୱାରା ବ୍ୟାକରଣଗତ ଦୃଷ୍ଟିରୁ ମାର୍ଗହରା ହୋଇପଡିଛି। ଯାହାକୁ ମନେପକାଇବାକୁଯାଇ ସମାଲୋଚକ କର 'ଓଡ଼ିଆ ବ୍ୟାକରଣ ରଚନାର ପରମ୍ପରା: ଊନବିଂଶ ଶତାବ୍ଦୀର ପରିଶିଷ୍ଟ: ଓଡ଼ିଆ ବ୍ୟାକରଣ ମଞ୍ଜରୀ' ପ୍ରବନ୍ଧରେ ଆଲୋଚନା କରିଛନ୍ତି। ସମଗ୍ର ଭାରତବର୍ଷରେ ସର୍ବ ପ୍ରଥମେ ସଂସ୍କୃତ ଓ ତାମିଲ ଭାଷାର ବ୍ୟାକରଣକୁ ଲକ୍ଷ୍ୟକରି ପ୍ରାନ୍ତୀୟ ଭାଷାଭାଷୀ ଗୁଡ଼ିକରେ ବ୍ୟାକରଣ ରଚନା କରାଯିବାର ପରମ୍ପରା ଆରମ୍ଭ ହୋଇଥିଲା। ଅଷ୍ଟାଦଶ ଶତାବ୍ଦୀବେଳକୁ ପାଶ୍ଚାତ୍ୟ ଶିକ୍ଷାର ପ୍ରବେଶ ସ୍କୁଲ କଲେଜରେ ଶିକ୍ଷାଦାନ ନିମନ୍ତେ ପାଠ୍ୟ ପୁସ୍ତକର ଆବଶ୍ୟକତା ଆଧୁନିକ ବ୍ୟାକରଣ ସୃଷ୍ଟିର ମୂଳକାରଣ। ଆମସ ସଟନଙ୍କ ଦ୍ୱାରା 'An introductory Grammar of Oriya Language' ନାମକ ପ୍ରଥମ ଓଡ଼ିଆ ବ୍ୟାକରଣ ୧୮୩୧ ମସିହାରେ ରଚିତ ହୋଇଥିଲା। ଏହା ପୂର୍ବରୁ ଲେଖା ଯାଇଥିବା ୧୮୦୬ ମସିହାର ଗଦାଧର ବିଦ୍ୟାବାଗୀଶଙ୍କ ଦ୍ୱାରା 'ଓଡ଼ିଆ ଭାଷା ବ୍ୟାକରଣ' ଯାହା ଇଂଲଣ୍ଡରେ ଦୀର୍ଘଦିନ ରହିବା ପରେ ୧୮୮୨ ମସିହାରେ ପ୍ରକାଶିତ ହୋଇଥିଲା। ଆଧୁନିକ ଶିକ୍ଷାର ବିକାଶ ଆମ ବ୍ୟାକରଣ ରଚନାର ପରମ୍ପରାକୁ ଧୀରେ ଧୀରେ ଆଗକୁ ବଢ଼ାଇନେଲା।

ସଂପ୍ରତି ଶିଶୁସାହିତ୍ୟର ବିକାଶ ଉପରେ ଲୋକ ଉପାଦାନର ଭୂମିକା କିପରି ପ୍ରତିଫଳିତ ହେଉଛି ତତ୍ ସମ୍ପର୍କରେ ପ୍ରାବନ୍ଧିକ କର ଆଲୋଚନା କରିଛନ୍ତି। ସେ ତାଙ୍କ 'ଓଡ଼ିଆ ଶିଶୁ ସାହିତ୍ୟରେ ଲୋକ ଉପାଦାନ' ଶୀର୍ଷକ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି ଯେ, ଶିଶୁର ଶାରୀରିକ ମାନସିକ ତଥା ଆତ୍ମିକ ବିକାଶ ପାଇଁ ଯେଉଁ ସାହିତ୍ୟ ସହାୟତା କରେ ତାହାକୁ ଶିଶୁ ସାହିତ୍ୟ କୁହାଯାଏ। ଏଥିରେ ଶିଶୁର ମନୋରଞ୍ଜନ ହେବା ସହିତ ମାନସିକ ଅଭିବୃଦ୍ଧି ମଧ୍ୟ ଘଟିଥାଏ। ସେହିପରି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ ପ୍ରବନ୍ଧ ସାହିତ୍ୟର ମୂଲ୍ୟବୋଧରେ ପ୍ରଫେସର କର ଉଲ୍ଲେଖ କରିଛନ୍ତି ଦେଶର ସାମୂହିକ ବିକାଶ ଆଜି ହୋଇଛି ସତ ପରନ୍ତୁ, ମଣିଷ ଭିତରେ ମାନବିକ ମୂଲ୍ୟବୋଧର ବିକାଶ ଏ ଯାଏଁ ଘଟିନାହିଁ। ଆଜି ଯେଉଁ ସମଗ୍ର ବିଶ୍ୱରେ ମାନବିକ ମୂଲ୍ୟବୋଧର ଅବକ୍ଷୟ ଘଟିଛି, ତାହା ମାନବ ଜଗତର ବିକାଶ ପାଇଁ ଯଥେଷ୍ଟ। ଏହି ଅବକ୍ଷୟ ଯୋଗୁଁ ମଣିଷ ଆଜି ନୃଶଂସ, ଅସାଧୁ, ତଥା ଅନୈତିକ କାର୍ଯ୍ୟରେ ଲିପ୍ତ ରହିବାକୁ ଇଚ୍ଛାକରୁଛି। ଯାହାଦ୍ୱାରା ସୃଷ୍ଟି ହେଉଛି ମୋହଭଙ୍ଗ ପୃଥିବୀ, ବିଚ୍ଛିନ୍ନତାବାଦ ସମାଜ ଓ ଛଳନାର ଦୁନିଆ। ଏ ସଂପର୍କରେ ସମାଲୋଚକ ବିଭିନ୍ନ ଉଦାହରଣ ଦେବାକୁ ଯାଇ ଓଡ଼ିଆ ପ୍ରବନ୍ଧ ସାହିତ୍ୟ ଓ ପ୍ରାବନ୍ଧିକଙ୍କ ସମ୍ପର୍କରେ ଆଲୋଚନା କରିଛନ୍ତି ।

'ଆଧୁନିକ ଓଡ଼ିଆ ଗଳ୍ପରେ ରୂପକଳ୍ପ' ନିବନ୍ଧରେ ଉଲ୍ଲେଖ କରିଛନ୍ତି- ରୂପକଳ୍ପର ବ୍ୟବହାର ଦ୍ୱାରା ଗାଳ୍ପିକ ଜୀବନର ଜଟିଳ ରହସ୍ୟ ଏବଂ ଅନ୍ତର୍ନିହିତ ଅଭିବୃଦ୍ଧିକୁ ସହଜରେ ଦର୍ଶାଇପାରନ୍ତି। କେହି କେହି ଏହାକୁ ଚିତ୍ରକଳ୍ପ ବୋଲି ମଧ୍ୟ କହିଥାନ୍ତି। ସ୍ରଷ୍ଟା ବିଭିନ୍ନ ଚିତ୍ର ମାଧ୍ୟମରେ ସୃଷ୍ଟି ଜଗତକୁ ବିଶ୍ଳେଷଣ କରିଥାନ୍ତି। ଶବ୍ଦଚିତ୍ର ଗୁଡ଼ିକ ଇନ୍ଦ୍ରିୟବୋଧ ସହିତ ସମ୍ପର୍କ ସ୍ଥାପନ କରିପାରୁଥିବାରୁ ପାଠକ ନିଜକୁ ଉକ୍ତ ଚିତ୍ର ସହ ଉପସ୍ଥିତ ରଖି ବିଚାରକରେ। ଉକ୍ତ ନିବନ୍ଧରେ ସମାଲୋଚକ ପ୍ରଫେସର କର ଓଡ଼ିଆ ଗଳ୍ପରେ ଏପରି ରୂପକଳ୍ପ ବ୍ୟବହାରରେ ସଂଶ୍ଳିଷ୍ଟ ଥିବା ଫକୀରମୋହନ ସେନାପତି, ସୁରେନ୍ଦ୍ର ମହାନ୍ତି, କିଶୋରୀ ଚରଣ ଦାସ, ମନୋଜ ଦାସ, ଅଚ୍ୟୁତାନନ୍ଦ ପତିଙ୍କ ଉଦାହରଣ ମଧ୍ୟ ଦେଇଛନ୍ତି।

### ଖ) ସମୀକ୍ଷକ ଓ ବ୍ୟକ୍ତି ସମ୍ପର୍କିତ ଆଲୋଚନା:

ସାହିତ୍ୟ ହେଉଛି ଏକ ଗଭୀର ଦୂରଦୃଷ୍ଟି ସମ୍ପର୍ଣ୍ଣ ସୃଜନାତ୍ମକ ଭିତ୍ତିଭୂମି। ଯେଉଁଥିରେ ସ୍ରଷ୍ଟାର ଚିନ୍ତାଧାର ଅନୁଭୂତି ଏବଂ ଅଭିଜ୍ଞତା ଆଦିର ଅଭିବ୍ୟକ୍ତି ରହିଥାଏ। ଏହି ସାହିତ୍ୟ ସର୍ଜନାକୁ ଯିଏ ଉଚିତ୍ ମୂଲ୍ୟାଙ୍କନ କରନ୍ତି ସେମାନେ ହେଉଛନ୍ତି ସମୀକ୍ଷକ। ପ୍ରଫେସର କର ଓଡ଼ିଆ ସାହିତ୍ୟରେ ଜଣେ ଧୂରୀଣ ସମୀକ୍ଷକ। ଓଡ଼ିଆ ସାହିତ୍ୟ ପ୍ରତି ନିଜର ଜୀବନ ସାରସ୍ୱତ ସାଧନା ପାଇଁ

DOI: 10.70541/BAGEESHA/2025030505

VOL NO 03 ISSUE NO 05

ସେ ପ୍ରଶଂସିତ। 'ଉତ୍କଳର ବନ୍ଧୁ ରେଭେନ୍ସା ସାହେବ' ପ୍ରବନ୍ଧରେ ସେ ଉଲ୍ଲେଖ କରିଛନ୍ତି ଯେ- ଉନବିଂଶ ଶତାବ୍ଦୀରେ ଓଡ଼ିଶାକୁ ଶାସନ କରୁଥିବା ଇଂରେଜ ବଡଲାଟମାନଙ୍କ ମଧ୍ୟରେ ଟି. ଇ. ରେଭେନ୍ସା ସାହେବ ଉତ୍କଳବାସୀଙ୍କ ଉନ୍ନତି ପାଇଁ ସର୍ବଦା ଚେଷ୍ଟା କରୁଥିଲେ। ଓଡ଼ିଶାର କମିଶନର ଭାବେ କାର୍ଯ୍ୟରତ ଥିବା ସମୟରେ, ତାଙ୍କ ଯୋଗୁଁ ହିଁ ଶିକ୍ଷା ବ୍ୟବସ୍ଥାର ପରିବର୍ତ୍ତନ ହୋଇପାରିଥିଲା। ଫକୀରମୋହନ 'ଉତ୍କଳ ଭ୍ରମଣ' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେହିପରି ନୃତତ୍ତ୍ୱ ଓ ତୁଳନାତ୍ମକ ଭାଷାତତ୍ତ୍ୱ ଅଧ୍ୟାପକ ବିଜୟଚନ୍ଦ୍ର ମଜୁମଦାରଙ୍କ ସମ୍ପର୍କରେ 'ଓଡ଼ିଶାର ଇତିହାସ, ସଂସ୍କୃତି ଓ ସାହିତ୍ୟର ବିଶିଷ୍ଟ ସମୀକ୍ଷକ ବିଜୟଚନ୍ଦ୍ର ମଜୁମଦାର' ନିବନ୍ଧରେ ଆଲୋଚନା କରିଛନ୍ତି। ଜୀବନରେ ବହୁତ କମ୍ ବୟସରେ ଆଖି ହରାଇଥିଲେ ମଧ୍ୟ ଓଡ଼ିଆ ଇତିହାସ ଏବଂ ପୁରାତତ୍ତ୍ୱ ସମ୍ପର୍କରେ ଗଭୀର ଅନୁସନ୍ଧାନ କରି ଓଡ଼ିଶାର ପରିଚୟକୁ ବିଶ୍ୱ ମାନସରେ ପ୍ରତିଷ୍ଠିତ କରାଇପାରିଛନ୍ତି। ବିଶେଷତଃ 'Typical selection from Oriya literature'(ତିନିଖଣ୍ଡ) ପୁସ୍ତକ ବେଶ୍ ପ୍ରଶଂସିତ ହୋଇଥିଲା। କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ବିଭାଗରେ ଅଧ୍ୟାପନା ପାଇଁ ପ୍ରସ୍ତୁତ ଏହି ଆଲୋଚନା ଓଡ଼ିଆ ସାହିତ୍ୟର ଇତିହାସର ବିକାଶ ଧାରାକୁ ତିନୋଟି ଅଧ୍ୟାୟରେ ବିଭକ୍ତି କରିଥିଲେ। ପ୍ରଫେସର କରଙ୍କ ମତରେ ତାଙ୍କ ଆଲୋଚନାର ପ୍ରକାଶଭଙ୍ଗୀ ଯୁକ୍ତିପୂର୍ଣ୍ଣ ନହେଲେ ମଧ୍ୟ ହୃଦୟସ୍ପର୍ଶୀ। ସମଭାବରେ ତିନୋଟି ସମାଲୋଚନା ହେଉଛି ପ୍ରଫେସର କରଙ୍କ ଏକ ସଫଳ ଆଲୋଚନା ଗ୍ରନ୍ଥ ଯେଉଁଥିରେ ଓଡ଼ିଆ ସାହିତ୍ୟରେ ତିନିଜଣ ପ୍ରବୀଣ ସମୀକ୍ଷକଙ୍କ ସମ୍ପର୍କରେ ସବିଶେଷ ଆଲୋଚନା ଦେଖିବାକୁମିଳେ। ବିଶେଷ କରି ବିଂଶ ଶତକର ଲବ୍ଧପ୍ରତିଷ୍ଠିତ ପ୍ରମୁଖ ଓଡ଼ିଆ ସମାଲୋଚକ ଯଥାକ୍ରମେ ପଣ୍ଡିତ ନୀଳକଣ୍ଠ ଦାସ, ସୁରେନ୍ଦ୍ର ମହାନ୍ତି ଓ ଡକ୍ଟର ନଟବର ସାମନ୍ତରାୟଙ୍କୁ ସମ୍ପୂର୍ଣ୍ଣ ଆଲୋଚନା କରିଛନ୍ତି।

'ସାହିତ୍ୟ ସମୀକ୍ଷକ ଗୋପୀନାଥ ନନ୍ଦ' ଶୀର୍ଷକ ଆଲୋଚନାରେ ପ୍ରଫେସର କର ବର୍ଣ୍ଣନା କରିଛନ୍ତି ଯେ, ନିଜର ସୂକ୍ଷ୍ମବିଚାର ବିଶ୍ଳେଷଣଦ୍ୱାରା ଓଡ଼ିଆ ସମାଲୋଚନା କ୍ଷେତ୍ରରେ ପଣ୍ଡିତ ଶର୍ମା ନିଜର ପରିଚୟ ପ୍ରତିଷ୍ଠା କରିପାରିଥିଲେ। ଜଣେ ବହୁଭାଷୀ ତଥା ବହୁଶାସ୍ତ୍ରଦର୍ଶୀ ବ୍ୟକ୍ତିତ୍ୱ ହୋଇଥିବାରୁ ତାଙ୍କ ମତଗୁଡ଼ିକ ସର୍ବଦା ଯୁକ୍ତିଭିତ୍ତିକ ହେଉଥିଲା। ଉଭୟ ପ୍ରାଚୀନ ଓ ଆଧୁନିକ ସାହିତ୍ୟପ୍ରତି ଥିଲା ତାଙ୍କର ଗଭୀରଜ୍ଞାନ। ଓଡ଼ିଆ ଭାଷାତତ୍ତ୍ୱ ତାଙ୍କର ଏକ ବଳିଷ୍ଠ ସାହିତ୍ୟକୃତି। 'ଶ୍ରୀଭାରତ ଦର୍ପଣ'ର ସମୀକ୍ଷା ପଣ୍ଡିତ ଶର୍ମାଙ୍କ ଏକ ଅମ୍ଳାନ କୀର୍ତ୍ତି ଅଟେ। ଓଡ଼ିଆ ତୁଳନାତ୍ମକ ସାହିତ୍ୟରେ ଏହା ଏକ ମାଇଲ ଖୁଣ୍ଟ ବୋଲି ଆଲୋଚକ କର ଘୋଷଣା କରିଛନ୍ତି। ବ୍ୟାସକୃତ ମହାଭାରତ ଓ ସାରଳା ଦାସଙ୍କ ମହାଭାରତରେ ଥିବା ସ୍ୱତନ୍ତ୍ରତା ସେ ଅତି ମନୋଜ୍ଞ ଶୈଳୀରେ ଆଲୋଚନା କରିଛନ୍ତି। ଓଡ଼ିଆ ସାହିତ୍ୟ ପ୍ରତି କୁଞ୍ଜବିହାରୀ ତ୍ରିପାଠୀଙ୍କ ଅବଦାନ ସମ୍ପର୍କରେ ଆଲୋଚନା କରି ପ୍ରଫେସର କର ତାଙ୍କ 'ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ: ଜିବନାୟନ' ଶୀର୍ଷକ ନିବନ୍ଧରେ ଆଲୋଚନା କରିଛନ୍ତି ଯେ, ସଂସ୍କୃତ ଭାଷା ସାହିତ୍ୟରେ ସ୍ନାତକୋତ୍ତର ପଢ଼ିଥିଲେ ସୁଦ୍ଧା ଓଡ଼ିଆ ଭାଷା ପ୍ରତି ଥିଲା ଦୁର୍ବଳତା। ଏଣୁ ସେ ଓଡ଼ିଆ ଶିଳାଲେଖ, ଭାଷା ଓ ଲିପିର ଉତ୍ପତ୍ତି ସମ୍ପର୍କିତ ଗବେଷଣା କରି ଲଣ୍ଡନରୁ କଳାଭୂଷଣ ଉପାଧି ପାଇଥିଲେ। ଉଭୟ ଅଧ୍ୟୟନ ଓ ଅଧ୍ୟାପନା ବ୍ୟତୀତ ସେ ଯେଉଁ ଗ୍ରନ୍ଥମାନ ଓଡ଼ିଆ ଜାତିପାଇଁ ରଚନା କରିଯାଇଛନ୍ତି ତାହା ଭାଷା ଓ ସାହିତ୍ୟ ପାଇଁ ଗର୍ବ ଓ ଗୌରବର ବିଷୟ ବୋଲି ସମାଲୋଚକ କର ଉଲ୍ଲେଖ କରିଛନ୍ତି।

'ଗବେଷକ ଓ ସାହିତ୍ୟ ସମୀକ୍ଷକ ପଣ୍ଡିତ ଆର୍ତ୍ତବଲ୍ଲଭ ମହାନ୍ତି' ଆଲୋଚକ ପ୍ରଫେସର କର ସମୀକ୍ଷକ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ସମ୍ପର୍କରେ କୁହନ୍ତି ଯେ- ସେ ଥିଲେ ବୃତ୍ତିରେ ଅଧ୍ୟାପକ ଓ ପ୍ରବୃତ୍ତିରେ ଗବେଷକ। ଓଡ଼ିଆ ସାହିତ୍ୟରେ ଲୁଚିଯାଇଥିବା ହଜିଯାଇଥିବା ଅନେକ ତାଳପତ୍ର ପୋଥିକୁ ସଂଗ୍ରହ କରି ସମ୍ପାଦନା କରିବାରେ ଧୁରୀଣ। ପ୍ରାଚୀନ ଓ ମଧ୍ୟଯୁଗୀୟ ସ୍ରଷ୍ଟାଗଣଙ୍କ ଅନେକ ପୋଥିକୁ ପୁସ୍ତକ ରୂପେ ଆକାର ଦେଇଛନ୍ତି ପୋଥି ସଂଗ୍ରହ ବ୍ୟତୀତ ସେ ମଧ୍ୟ ଜଣେ ସଫଳ ଟିକାକାର ଭାବେ ବେଶ୍ ପରିଚିତ। ପ୍ରାଚୀ ସାହିତ୍ୟ ସମିତି ପକ୍ଷରୁ ଏହି ବହି ସଂଗ୍ରହ କରି ନୂତନରୂପ ଦେବା ସମଗ୍ର ଓଡ଼ିଆ ସାହିତ୍ୟ ପାଇଁ ଏକ ସଫଳ ପ୍ରୟାସ ଅଟେ ।

## (ଗ)ଐତିହ୍ୟ, ସଂସ୍କୃତି ଓ ଧର୍ମ ଆଧାରିତ ଆଲୋଚନା:

ମାନବ ସଭ୍ୟତାର ବିକାଶ ଐତିହ୍ୟ ଆଧାରରୁ ପରିକଳ୍ପିତ କରିହୁଏ। ତାର ଜୀବନଧାରା, ଆଚାର ବ୍ୟବହାର, ବିଶ୍ୱାସ, ଆଧ୍ୟାତ୍ମିକ ଚିନ୍ତାଧାରା ଆଦି ଗୁଡ଼ିକ ଐତିହ୍ୟ ଓ ସାଂସ୍କୃତିକ ପ୍ରବାହରେ ଗତିଶୀଳ। ଏଣୁ ଆମେ ଏହି ଧାରାକୁ ମାନବ ଜୀବନର ଆତ୍ମା ଭାବେ ଏବଂ ଧର୍ମକୁ ଏହାର ମୌଳିକ ରୂପ ବୋଲି ସ୍ୱୀକାର କରିବା। ସୁତରାଂ ଐତିହ୍ୟ, ସଂସ୍କୃତି, ଧର୍ମ, ସମାଜ ଓ ରାଷ୍ଟ୍ରମାନଙ୍କର ପ୍ରଧାନ ଭୂମିକା ବହନକରେ। ସମାଲୋଚକ ବାଉରୀବନ୍ଧୁ କର ଏହାକୁ କେନ୍ଦ୍ରକରି କେତେକ ପ୍ରବନ୍ଧ ରଚନା କରିଥିବାର ଦେଖିବାକୁମିଳେ। ପ୍ରଫେସର କର ଯାଜପୁର ନଗରର ବୈତରଣୀ ନଦୀ ଦକ୍ଷିଣ ତଟରେ ରହିଥିବା ସପ୍ତମାତୃକା କ୍ଷେତ୍ରକୁ ନିଜ ଆଲୋଚନା ପରିସରଭୁକ୍ତ କରିଛନ୍ତି। ଭାରତରେ ମାତୃଶକ୍ତି ଉପାସନା ପଦ୍ଧତି ଅତି ପ୍ରାଚୀନ। କରଙ୍କ ମତରେ ଏହି କ୍ଷେତ୍ରର ମାହାତ୍ମ୍ୟ ଆମେ ପ୍ରାଚୀନ ଗ୍ରନ୍ଥମାନଙ୍କରେ ଦେଖିବାକୁପାଉ, ଯଥା- ସଂସ୍କୃତ ମହାଭାରତ, କପିଳ ସଂହିତା ବ୍ରହ୍ମପୁରାଣ ଆଦି ମାନଙ୍କରେ। ଆଦିଶକ୍ତିଙ୍କ ବିଭିନ୍ନ ରୂପ ସମ୍ପର୍କରେ ଆଲୋଚନା ରଖିଛନ୍ତି ମାତା ସତୀ ନିଜର ଶରୀର ଦହନ କଲାପରେ ଶିବ ସେହି ଶରୀରକୁ ବିଶ୍ୱ ପରିକ୍ରମା କଲାବେଳେ ବିଷ୍ଣୁଙ୍କ ଚକ୍ର ସେହି ଶରୀରକୁ କାଟି କାଟି ଚାଲୁଥାଏ, ଏବଂ ଏହି ଖଣ୍ଡିତାଂଶରୁ ନାଭି ଅଂଶଟି ବିରଜା କ୍ଷେତ୍ରରେ ପଡିଥିଲା ଏହାକୁ ନାଭିକ୍ଷେତ୍ର ବୋଲି କୁହାଗଲା ।

ଯାଜପୁରର ଶକ୍ତିପୀଠରେ ଐତିହ୍ୟ ଓ ସଂସ୍କୃତି ଭାରତ ବିଖ୍ୟାତ। ଯାଜପୁରର ସପ୍ତମାତୃକା ପୀଠ ଉତ୍ପତ୍ତି ଓ ଏହାର ମାହାତ୍ମ୍ୟ ସଂପର୍କରେ ଆଲୋଚନା କରିବା ସହିତ ବିଭିନ୍ନ ପ୍ରାଚୀନ ପୁରାଣରେ ଏହି ପୀଠସ୍ଥଳୀ ସଂପର୍କରେ ଯେଉଁ ଆଲୋଚନା କରାଯାଇଛି ତତ୍ ସଂପର୍କରେ ମଧ୍ୟ ଏକ ତଥ୍ୟ ଭିତ୍ତିକ ଆଲୋଚନା ସମାଲୋଚନା ପ୍ରଫେସର କର ଏଥିରେ ଦେଖାଇଛନ୍ତି। 'ଜନନୀ ଜନ୍ମ ଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ'

DOI: 10.70541/BAGEESHA/2025030505

VOL NO 03 ISSUE NO 05

ନିଜ ଜନ୍ମିତ ମା' ମାଟିକୁ ନେଇ ଏ ପ୍ରାବନ୍ଧିକ ଗର୍ବ ଅନୁଭବ କରନ୍ତି। ଯାଜପୁର ବୈତରଣୀ ନଦୀକୂଳରେ ଥିବା ଦଶାଶ୍ୱମେଧ ପୀଠ ନିକଟରେ ଅଛି ସପ୍ତମାତୃକା ମନ୍ଦିର। ଆଲୋଚକ କର ଶାକ୍ତଧର୍ମର ଆଦି ପରମ୍ପରା ଏହି ଓଡ଼ିଶାରେ ହୋଇଥିଲା ବୋଲି ଗ୍ରହଣକରନ୍ତି। ଏହି ସପ୍ତମାତୃକା ସୂକ୍ଷ୍ମ କାରୁକାର୍ଯ୍ୟ ଅତ୍ୟନ୍ତ ଆକର୍ଷଣୀୟ ଓ ମନୋରମମୟ ଥିବା କଥା କୁହନ୍ତି। କେବଳ ଯାଜପୁର ନୁହେଁ ତାଙ୍କ ମତରେ ଓଡ଼ିଶାର ଅନେକ ସ୍ଥାନରେ ଏହି ମୂର୍ତ୍ତିନିର୍ମାଣ କରାଯାଇ ପୂଜା ଅର୍ଚ୍ଚନା କରାଯାଉଛି। ପରନ୍ତୁ, ଏହାର ସମୟ ସମ୍ପର୍କରେ ଯଦି ଓ କୌଣସି ସ୍ପଷ୍ଟ ସିଦ୍ଧାନ୍ତ ଦେଇନାହାନ୍ତି ତଥାପି ସେ ଉଲ୍ଲେଖ କରିଛନ୍ତି- ୭ମ ଶତାବ୍ଦୀରୁ ୧୨ ଶତାବ୍ଦୀ ମଧ୍ୟରେ ଚାରୋଟି ଶକ୍ତିସଂଘ ଦ୍ୱାରା ଏହାକୁ ନିର୍ମାଣ କରାଯାଇଥିଲା।  କାଳର ଅବବାହିକା ଗତିରେ ଏହି ମୂର୍ତ୍ତି ଏବେ ନଷ୍ଟ ହୋଇଯାଇଥିବାର ଦେଖିବାକୁ ମିଳେ।

ଓଡ଼ିଶାର ପ୍ରାଚୀନ ଇତିହାସରେ ଏହା ଏକ ଅମ୍ଳାନ କୀର୍ତ୍ତି ବୋଲି ଆଲୋଚକ ପ୍ରଫେସର କର ସ୍ୱୀକାର କରିଛନ୍ତି। ଯାହା ଆମ ସାଂସ୍କୃତିକ ବୈଭବକୁ ଉଚ୍ଚାଙ୍ଗ କରୁଛି। ସେହିପରି 'ଓଡ଼ିଶାର ସଂସ୍କୃତି ଓ ଇତିହାସରେ ମାଦଳାପାଞ୍ଜି' ଶୀର୍ଷକ ନିବନ୍ଧଟି ସମାଲୋଚକଙ୍କ ଅନ୍ୟ ଏକ ବଳିଷ୍ଠ ଆଲୋଚନା। ଏଥିରେ ସେ ବର୍ଣ୍ଣନା କରିଛନ୍ତି, ଇତିହାସର ପ୍ରମାଣ ଆଜି ଆମର ପରିଚୟ ହୋଇପାରିଛି। ପ୍ରାଚୀନ କାଳର ରାଜବଂଶାବଳୀର ପ୍ରମାଣ ପତ୍ର ଆମେ ଏହି ମାଦଳାପାଞ୍ଜିରୁ ପାଇଥାଉ। ଏହାର ଉପାଦାନକୁ ନେଇ ଐତିହାସିକମାନେ ପ୍ରାଚୀନ କଳାର ଓଡ଼ିଶାର ସ୍ଥିତି ସମ୍ପର୍କରେ ପରିଚିତ ହୋଇଛନ୍ତି। ମାଦଳାପାଞ୍ଜିରେ  ତିନୋଟି ରାଜବଂଶାବଳୀ। ଯଥା- କେଶରୀବଂଶ, ଗଙ୍ଗବଂଶ ଓ ଭୋଇବଂଶ ଯଥାକ୍ରମେ ୧୧୩୨ ଶତାବ୍ଦୀରୁ ୧୮୨୧ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଶାର ଶାସନ କରୁଥିବା ପ୍ରସଙ୍ଗ ଏଥିରେ ଆଲୋଚିତ। ଉକ୍ତ ନିବନ୍ଧରେ ପ୍ରଫେସର କର କେତେକ ଆଲୋଚକଙ୍କ ମତ ଏବଂ ବିବରଣୀର ନମୁନା ପ୍ରଦାନ କରିଛନ୍ତି। ଏଥିରେ ଥିବା କେତେକ ସତ୍ୟ ଓ କେତେକ ଭିତ୍ତିହୀନ ଘଟଣାକୁ ସେ ପ୍ରମାଣ ସହ ଆଲୋଚନା କରିଛନ୍ତି। ଏହାର ଭାଷା ସମ୍ପର୍କରେ ଆଲୋଚନା କରି ପ୍ରଫେସର କର କୁହନ୍ତି ଭାଷାଦୃଷ୍ଟିରୁ ବିଚାରକଲେ ଏହା ଅତି ପ୍ରାଚୀନ ଓ ଅତ୍ୟନ୍ତ ସରଳ। ଯେଉଁଥିରେ ଛୋଟ ଛୋଟ ବାକ୍ୟାଂଶ ଦେଖିବାକୁ ମିଳେ ଏବଂ ଉଭୟ ତତ୍ସମ, ତଦ୍ଭବ, ଦେଶଜ ଓ ବୈଦେଶିକ ଶବ୍ଦର ବ୍ୟବହାର ରହିଛି। ଇତିହାସର ଅନେକ ଘଟଣାର ପ୍ରାମାଣିକ ରୂପ ଓ ଭାଷାତତ୍ତ୍ୱ ମୂଲ୍ୟବୋଧ ଆଦିକୁ ଗୁରୁତ୍ୱ ଦେଇ ଆଲୋଚକ ଏହାକୁ ଉପସ୍ଥାପନ କରିଛନ୍ତି। ଯାହା ଆମ ଐତିହ୍ୟ ଓ ପରମ୍ପରାର ମୂକସାକ୍ଷୀ।

ଓଡ଼ିଶା ପରି ଏକ ସଂସ୍କୃତି ସମ୍ପନ୍ନ ମାଟିରୁ ଜନ୍ମ ହୋଇଥିବା ପ୍ରଫେସର କର ଆପଣାର ସଂସ୍କୃତିକୁ କିପରି ଭୁଲିଯିବେ? ସେ ତାଙ୍କ ଜୀବନବ୍ୟାପୀ ସାହିତ୍ୟ ସାଧନାରେ ସଂସ୍କୃତି ଓ ପରମ୍ପରାକୁ ତାଙ୍କର କେତେକ ନିବନ୍ଧରେ ସଫଳ ମୂଲ୍ୟାୟନ କରିଛନ୍ତି। ପାରମ୍ପରିକ ପ୍ରଥା ଓ ଚାଲିଚଳଣି କିପରି ଓଡ଼ିଶାର ସାର୍ବଭୌମ ବଜାଇ ରଖିଛି, ତତ୍ ସଂପର୍କରେ 'ସଂସ୍କୃତି ଓ ମାନବିକ ମୂଲ୍ୟବୋଧ ପୁସ୍ତକରେ' ଦେଖିବାକୁ ମିଳେ। ପାରମ୍ପରିକ ଧାରା ଅନୁସାରେ ଐତିହ୍ୟ ଓ ସଂସ୍କୃତିକୁ ଆଧାରକରି ସେ କେତେକ ପ୍ରବନ୍ଧ ରଚନ କରିଛନ୍ତି। ଭାରତ ବର୍ଷରେ ମାତୃଶକ୍ତିର ପରମ୍ପରା ବହୁ ପ୍ରାଚୀନ। ଓଡ଼ିଶାରେ ଅନେକ ସ୍ଥାନରେ ଏହି ଶକ୍ତିପୀଠ ଦେଖିବାକୁ ମିଳେ। ଯାଜପୁର ଜିଲ୍ଲାର ଖଣ୍ଡିତର ଗ୍ରାମଟି ଇତିହାସର ଏକ ରଙ୍ଗସ୍ଥଳୀ ବୋଲି ଆଲୋଚକ ବର୍ଣ୍ଣନା କରିଛନ୍ତି। ଏହି ଅଞ୍ଚଳଟିରେ ଖ୍ରୀଷ୍ଟଧର୍ମର ପ୍ରଚାରର ସହ ରହିଛି ସୁସମ୍ପର୍କ। ଖଣ୍ଡିତର ଗାଁ ସର୍ବଧର୍ମର ଏକ ସମନ୍ୱୟସ୍ଥଳୀ ବୋଲି ସ୍ୱୀକାର କରି ସମାଲୋଚକ କୁହନ୍ତି- "ଖଣ୍ଡିତରବାସୀ ବିଭିନ୍ନ ଧର୍ମକୁ ସମ୍ମାନ କରିବା ବ୍ୟାପାରରେ ଓ ଧର୍ମର ଜନମଙ୍ଗଳ ଦିଗ ବାବଦରେ ଅତ୍ୟନ୍ତ ସଚେତନ। ଅନ୍ୟତ୍ର ଧର୍ମକୁ ନେଇ ଗୋଷ୍ଠୀ ସଂଘର୍ଷ ଓ ବିଦ୍ୱେଷ ଚାଲିଥିବା ବେଳେ ଏଇ ଗାଁରେ ହିନ୍ଦୁ ଖ୍ରୀଷ୍ଟିୟାନ ଏକା ମାଆ ପେଟର ଦୁଇ ଭାଇ ପରି ଚଳନ୍ତି।" (ସଂସ୍କୃତି ଓ ମାନବିକ ମୂଲ୍ୟବୋଧ, ପୃଷ୍ଠା-୬୨)

..........................................................................

**ଉପସଂହାର:** ପ୍ରଫେସର ବାଉରୀବନ୍ଧୁ କରଙ୍କ ସାମଗ୍ରିକ ସମୀକ୍ଷାକୁ ଅନୁଧ୍ୟାନ କଲେ, ସେ ଗଦ୍ୟ ଓ ପଦ୍ୟ ବ୍ୟତୀତ ସାହିତ୍ୟରେ ମାନବୀୟ ମୂଲ୍ୟବୋଧ, ସାମାଜିକ ନୀତି, ଐତିହାସିକ ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱଦେଇଛନ୍ତି। ତାଙ୍କ ସମୀକ୍ଷାରେ ରହିଛି ତତ୍ତ୍ୱମୂଳକ ବିଶ୍ଳେଷଣ ଯେଉଁଥିରେ, ଆଲୋଚନାର ଗଭୀରତା, ସାଂସ୍କୃତିକ ଅବଲୋକନ, ବ୍ୟଙ୍ଗ ଶୈଳୀର ବ୍ୟବହାର ଓ ସାହିତ୍ୟିକମାନଙ୍କୁ ସଫଳ ମୂଲ୍ୟାୟନ। ତାଙ୍କ ସମାଲୋଚନାରେ ମୂଳତଃ ଭାଷାର ସ୍ୱଚ୍ଛତା ଓ ବ୍ୟାପକ ଅଧ୍ୟୟନର ସାରବତ୍ତା ଦୃଷ୍ଟିଗୋଚର ହୁଏ। ଓଡ଼ିଆ ସାହିତ୍ୟର ବିକାଶକ୍ରମକୁ ସେ ପ୍ରାଚୀନରୁ ଆଧୁନିକ ପର୍ଯ୍ୟନ୍ତ ପ୍ରାୟ ତାଙ୍କ ଆଲୋଚନା ଗୁଡିକରେ ବିଶ୍ଳେଷଣ କରିଛନ୍ତି। ସାଂପ୍ରତିକ ଓଡ଼ିଆ ସାହିତ୍ୟ କିପରି ବିଶ୍ୱାୟନ ଆଡ଼କୁ ଅଗ୍ରସର ହୋଇପାରିବ ସେଥିପ୍ରତି ସେ ସର୍ବଦା ଧ୍ୟାନ ଦେଇଆସୁଥିଲେ। ନିଜ ଆଲୋଚନାର ଶୈଳୀମାଧ୍ୟମରେ ଓଡ଼ିଆ ସାହିତ୍ୟକୁ ନୂଆଦୃଷ୍ଟି, ବ୍ୟାଖ୍ୟା ଓ ମୂଲ୍ୟାୟନ ପ୍ରଦାନ କରିଛନ୍ତି। ତାଙ୍କ ସମୀକ୍ଷା କେବଳ ଶବ୍ଦଖେଳ ନୁହଁ, ତାହା ହେଉଛି ଗଭୀର ବୌଦ୍ଧିକ ଅନ୍ତର୍ଦୃଷ୍ଟିର ପ୍ରତିବିମ୍ବ। ଓଡ଼ିଆ ସମାଲୋଚନା ସାହିତ୍ୟକୁ ସେ ଯେଉଁ ଗଭୀରତା, ସୂକ୍ଷ୍ମତା ଓ ନୂତନ ଦୃଷ୍ଟିକୋଣ ଦ୍ୱାରା ସମୃଦ୍ଧି କରିଛନ୍ତି, ଏ ସାହିତ୍ୟ ଜଗତ ତାଙ୍କୁ ସର୍ବଦା ମନେରଖିଥିବ ।

**ସଙ୍କେତସୂଚୀ:**

୧) ମାନସିଂହ, ମାୟାଧର। ୧୯୫୮। ମାଟିର ମହାକବି ସାରଳା ଦାସ। ପ୍ରଥମ ସଂସ୍କରଣ। ବ୍ରହ୍ମପୁର: ଦାସ ବ୍ରଦର୍ସ। ପୃଷ୍ଠା -୩।

୨) ତତ୍ରୈବ। ପୃଷ୍ଠା -୨।

୩) ତତ୍ରୈବ। ପୃଷ୍ଠା -୧୦।

୪) ମହାନ୍ତି, ଆର୍ତ୍ତବଲ୍ଲଭ ସଂ.। ୧୯୬୫। ସାରଳା ମହାଭାରତ-ଆଦିପର୍ବ(୧ମ ଖଣ୍ଡ)। ଭୁବନେଶ୍ୱର: ସାଂସ୍କୃତିକ ବ୍ୟାପାର ବିଭାଗ, ଓଡ଼ିଶା ସରକାର। ପୃ୨୩

DOI: 10.70541/BAGEESHA/2025030505
VOL NO 03 ISSUE NO 05

୫) ଅଜ୍ଞାତ ସଙ୍କଳକ। ୧୯୭୧। ମୃତ୍ୟୁଞ୍ଜୟ ଗ୍ରନ୍ଥାବଳୀ। କଟକ: କଟକ ଷ୍ଟୁଡ଼େଂଟସ ଷ୍ଟୋର। ପୃଷ୍ଠା-୨୩୭

୬) ପ୍ରଧାନ, କୃଷ୍ଣଚନ୍ଦ୍ର। ୨୦୧୯। ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି। ଅଷ୍ଟମ ମୁଦ୍ରଣ। କଟକ: ବିଦ୍ୟାପୁରୀ। ପୃ-୨୭।

୭) ରାଜଗୁରୁ, ଶ୍ୟାମସୁନ୍ଦର। ୧୯୧୭। ପ୍ରବନ୍ଧାବଳୀ। କଟକ: ଉତ୍କଳ ସାହିତ୍ୟ ପ୍ରେସ୍। ପୃଷ୍ଠା-୪୭।

୮) ମାନସିଂହ, ମାୟାଧର। ୧୯୫୮। ମାଟିର ମହାକବି ସାରଳା ଦାସ। ପ୍ରଥମ ସଂସ୍କରଣ। ବ୍ରହ୍ମପୁର: ଦାସ ବ୍ରଦର୍ସ। ପୃଷ୍ଠା -୪୮।

୯) ତତ୍ରୈବ। ପୃଷ୍ଠା -୬୨।

୧୦) ତତ୍ରୈବ। ପୃଷ୍ଠା-୧୨।

## Funding

No funding was received for conducting this study.

## Does this Article screened for similarity?

Yes

## Conflict of interest

The Author has no conflicts of interest to declare that they are relevant to the content of this Article.

## About the licenses

© **Dr. Ajaya Kumara Sahu 2025.** The text of this Article is open access and licensed under a Creative Commons Attribution 4.0 International license.

## Cite this Article :

Sahu, Ajaya Kumara, *"Odia Samalochanara Uddatta Swara: Gadyasilpi Bauribandhu Kara"*, Bageesha, Vol. No. 03, Issue No. 05, Sep-Oct 2025, Article No: BM2025/05-A005| Page- 29-35| DOI: https://doi.org/10.70541/BAGEESHA/2025030505

DOI: 10.70541/BAGEESHA/2025030505

VOL NO 03 ISSUE NO 05